### ଡାକ୍ତର-ଫାର୍ମାସିଷ୍ଟ ଅନୁପସ୍ଥିତ, ରୋଗୀଙ୍କୁ ଔଷଧ ଦେଉଛନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷିକାଙ୍କ 'କାରଣ ଦର୍ଶାଅ' ନୋଟିସ୍

**ମାହାଙ୍ଗା,୭।୪/ଏନ୍‌ଏନ୍‌ଏସ୍:** ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାହାଙ୍ଗା ବ୍ଲକ ସମସିଆପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ଦାୟିତ୍ୱରେ ଥିବା ଡାକ୍ତର ଓ ଫାର୍ମାସିଷ୍ଟ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ ସେବା ପାଇବା ବଦଳରେ ରୋଗୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ ଜଣେ ଅନଭିଜ୍ଞ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋଗୀଙ୍କୁ ଔଷଧ ବିତରଣ କରୁଥିବା ଘଟଣା ସାମ୍ନାକୁ ଆସିଛି, ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଗତ ୬ ତାରିଖ ସୋମବାର ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କିମ୍ବା ଫାର୍ମାସିଷ୍ଟ କେହି ନଥିଲେ। ଚିକିତ୍ସା ପାଇଁ ଆସିଥିବା ଦୂରଦୂରାନ୍ତର ରୋଗୀମାନେ ନିରାଶ ହୋଇ ଫେରିଥିଲେ। ମାତ୍ର କେତେକ ରୋଗୀଙ୍କୁ ସେଠାରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଜେ ଔଷଧ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ଜଣେ ଅଣ-ବୈଷୟିକ କର୍ମଚାରୀଙ୍କୁ ଔଷଧ ବଣ୍ଟନ ପାଇଁ କିଏ ଅନୁମତି ଦେଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷିକା ତନୁସ୍ମିତା ବିନ୍ଧାଣୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଫାର୍ମାସିଷ୍ଟ ଜଣକ କୌଣସି ସୂଚନା ନଦେଇ ଛୁଟିରେ ରହିଛନ୍ତି। ଏଥିପାଇଁ ତାଙ୍କୁ 'କାରଣ ଦର୍ଶାଅ' ନୋଟିସ ଜାରି କରାଯାଇଛି। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅବହେଳା ଯୋଗୁଁ ସୃଷ୍ଟି ହେଉଥିବା ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୦ରୁ '୧୩ଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'

**ଭୁବନେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜନତା ମୈଦାନଠାରେ ଆସନ୍ତା ୧୦ ତାରିଖରୁ 'ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ

**୨୨ ରାଜ୍ୟ ଓ ୧୦ ଦେଶର ଉତ୍ପାଦ ହେବ ପ୍ରଦର୍ଶିତ**

**ଚମ୍ପାରନ୍ ମଟନ୍ ସାଜିବ ମୁଖ୍ୟ ଆକର୍ଷଣ**

ମେଳା- ୨୦୨୬' ଆରମ୍ଭ ହେବାକୁ ଯାଉଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା. ଲି. ପକ୍ଷରୁ ଆୟୋଜିତ ଏହି ମେଗା ବାଣିଜ୍ୟ ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏମ୍‌ଏସ୍‌ଏମ୍‌ଇ ସହ ଜଡ଼ିତ ଏହି ମଲ୍ଟି ସେକ୍ଟର ବିଟୁବି ଏବଂ ବିଟୁସି ପ୍ରଦର୍ଶନୀ ଓଡ଼ିଶା ବାଣିଜ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଆୟୋଜକ ଆଶା ପ୍ରକାଶ କରିଛନ୍ତି।

ଏହି ପ୍ରଦର୍ଶନୀରେ ଭାରତର ୨୨ଟି ରାଜ୍ୟ ସମେତ ବିଶ୍ୱର ୧୦ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ୧ ଲକ୍ଷରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଉତ୍ପାଦ ପ୍ରଦର୍ଶିତ ହେବ। ଏଥିରେ କାଶ୍ମୀରର ଖୋଦେଇ ଆସବାବପତ୍ର, ଆଫଗାନିସ୍ତାନର ଶୁଖିଲା ଫଳ, ବାଂଲାଦେଶର ଜମଦାନୀ ଶାଢ଼ୀ, ଇରାନର ଖଜୁରୀ ଓ ଜୁଏଲେରୀ, ଦୁବାଇର ଅତର ଓ ପରିଧାନ,




ଥାଇଲାଣ୍ଡର ଗହଣା ଓ ଜୋତା, କୋରିଆର ପ୍ରସାଧନ ସାମଗ୍ରୀ ଏବଂ ସିଙ୍ଗାପୁରର ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେବ। ଏହାସହ ଉତ୍ତରପ୍ରଦେଶର ଗାଲିଚା, ମାଲୟେସିଆର ଫାଉଣ୍ଟେନ ଏବଂ ପଶ୍ଚିମବଙ୍ଗର ଚମଡ଼ା ଜିନିଷ ଗ୍ରାହକଙ୍କୁ ଆକର୍ଷିତ କରିବ। ବାଣିଜ୍ୟ ସହ ସୁସ୍ୱାଦୁ ଖାଦ୍ୟର ମଜା ନେବା ପାଇଁ ଏଠାରେ ଏକ ସ୍ୱତନ୍ତ୍ର ଫୁଡ୍ ଜୋନ୍ ନିର୍ମାଣ କରାଯାଇଛି। ଚଳିତ ବର୍ଷ 'ଚମ୍ପାରନ ମଟନ' ମେଳାର ମୁଖ୍ୟ ଖାଦ୍ୟ ଆକର୍ଷଣ ସାଜିବ। ଏହା ବ୍ୟତୀତ ବିଭିନ୍ନ ପ୍ରକାରର ସ୍ୱଚ୍ଛ ଓ ରୁଚିକର ଖାଦ୍ୟ ସାମଗ୍ରୀ ପରିଦର୍ଶକଙ୍କ ପାଇଁ ଉପଲବ୍ଧ ହେବ। ୧୧ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୫ ଲକ୍ଷରୁ ଅଧିକ ପରିଦର୍ଶକ ହେବାର ଲକ୍ଷ୍ୟ ରଖାଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ଶ୍ରୀମତୀ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି। ଶ୍ରୀ ଗୁପ୍ତାଙ୍କ କହିବା ଅନୁଯାୟୀ, ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ ସଂଯୋଗ ଓ ସୁଯୋଗ ସୃଷ୍ଟି କରିବ ଏବଂ ଲୋକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ।

# 'ଶିଶୁସାହିତ୍ୟରେ ଶିଶୁଗପର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ଶିଶୁସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଶିଶୁଗପ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ପିଲାଟିଏ ଗପ ଶୁଣେ ବା ପଢ଼େ, ଏହାକୁ ସେ ବେଶ୍ ଆନନ୍ଦର ସହିତ ଉପଭୋଗ କରିଥାଏ ବୋଲି ଆଜି ଆଜି ସପ୍ତମ ଦିବସରେ ଶିଶୁକଥା ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତପୋଷଣ କରିଛନ୍ତି।

ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିଶୁକଥା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବରେ



ଇନ୍‌ଫୋସିଟି ଏରିଆସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟଠାରେ ସମ୍ପ୍ରତି ରାଜ୍ୟସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ ୨୦୨୬ ର ବିଶିଷ୍ଟ ଓଡ଼ିଶୀ ସଂଗୀତଜ୍ଞ ଓ ଗୁରୁ ରାମହରି ଦାସ, କବି ଓ କେନ୍ଦ୍ର ସାହିତ୍ୟ ଅକାଦେମୀ ସଦସ୍ୟ ଅରୁଣ କୁମାର ସାହୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସ୍ୱାଗତ ସୂଚନା ପ୍ରଦାନ କରିବା ସହ ପିଲାମାନଙ୍କୁ ଅବସର ସମୟରେ ଜେଜେବାପା-ଜେଜେମାଆ ଓ ବାପା-ମାଆମାନେ ଗପ ଶୁଣାଇବା ତଥା ପଢ଼ିବାର ସୁଯୋଗ ଦେଲେ ପିଲାମାନେ ମୋବାଇଲ୍‌ଠାରୁ ଅନେକାଂଶରେ ଦୂରେଇ ରହିବେ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପଚିଶ ଜଣ ସାନସାନ ପିଲା ପଚିଶଟି ଗପ ଚମତ୍କାର ଢଙ୍ଗରେ କହିଥିବାବେଳେ, ପନ୍ଦର ଜଣ ଅଭିଭାବକ ପନ୍ଦରଟି ଗପ ଓ ଦଶ ଜଣ ଶିଶୁ-ସାହିତ୍ୟିକ ଦଶଟି ଗପ, ଏହିଭଳି ଭାବରେ ମୋଟ୍ ପଚାଶଟି ସଂକ୍ଷିପ୍ତ ଗପ କହିଥିଲେ ଓ ସମସ୍ତେ ମଧ୍ୟ ଏସବୁ ଗପ ବେଶ୍ ଆଗ୍ରହରେ ଶୁଣିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ 'ବର୍ଣ୍ଣବୋଧ' ଓ ପିଲାଙ୍କ ପତ୍ରିକା 'ଶିଶୁଲେଖା'ର ବନ୍ଦେ ମାତରମ୍ ସଂଖ୍ୟା, ଗପ କହିଥିବା ପିଲା, ଅଭିଭାବକ ଓ ଶିଶୁ-ସାହିତ୍ୟିକମାନଙ୍କୁ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ରଜନୀକାନ୍ତ ରାଉତ, ପ୍ରତ୍ୟୁଷିନୀ ମହାନ୍ତି, ଶିଳ୍ପୀତା ବିଶ୍ୱାଳ, ଜ୍ୟୋତ୍ସ୍ନା ବେହେରା ଓ ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ଶିଶୁକଥା ଦିବସ ପାଳନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶିଶୁସାହିତ୍ୟିକ କୃତ୍ତିବାସ ନାୟକ, କବିତା ମିଶ୍ର, ରତ୍ନପ୍ରଭା ବାଇ, ଶଶାଙ୍କ ଶେଖର ମିଶ୍ର, ହିମାଂଶୁ ଶେଖର ସାହୁ, ମନୋରମା ମିଶ୍ର, ଅବଶ ପରିଡ଼ା ପ୍ରମୁଖ ଗପ କହିଥିବା ବେଳେ ତୃପ୍ତି ତିତୀକ୍ଷା, ଅନ୍ୟାଶା, ପ୍ରିୟାଂଶୀ, ପ୍ରାନସୀ, ଦିବ୍ୟଜ୍ୟୋତି, ସ୍ୱପ୍ନିଲ, ଅନ୍ୱେଷା, ଶୁଭ୍ରଜିତ, ଶୁଭଶ୍ରୀ ସୁଚିସ୍ମିତା ପ୍ରମୁଖ ଶିଶୁପ୍ରତିଭାମାନେ ଗପ କହିଥିଲେ। ଏହି ଅବସରରେ ଶିଶୁ କଣ୍ଠଶିଳ୍ପୀ ସାଇସୁଧା ପ୍ରିୟଦର୍ଶିନୀ ଓ ଗୁରୁ ରାମହରି ଦାସ ସଂଗୀତ ପରିବେଷଣ କରି ଉତ୍ସବକୁ ସଙ୍ଗୀତମୟ କରିଥିଲେ।

**ଶ୍ରୀକ୍ଷେତ୍ରରେ ମନମୋହନ ସାମଲ**

## ଶପଥ ଗ୍ରହଣ ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ



**ପୁରୀ,୭।୪/ଏନ୍‌ଏନ୍‌ଏସ୍:** ନବନିର୍ବାଚିତ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଙ୍ଗଳବାର ଶ୍ରୀକ୍ଷେତ୍ର ଗସ୍ତ କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଦିଲ୍ଲୀରେ ଶପଥ ଗ୍ରହଣ କରିବା ପରେ ଓଡ଼ିଶା ଫେରି ସେ ସିଧାସଳଖ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ମା' ବିମଳାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ରାଷ୍ଟ୍ରୀୟ ନେତୃତ୍ୱ ଓ ରାଜ୍ୟବାସୀଙ୍କ ଆଶା ଏବଂ ସଂକଳ୍ପକୁ ପୂରଣ କରିବା ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ସାମଗ୍ରିକ ବିକାଶ, ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ପାଇଁ ସରକାର ସଦାସର୍ବଦା ଚିନ୍ତିତ ବୋଲି ସେ କହିଛନ୍ତି। ପୁରୀର ବିକାଶ ପାଇଁ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି ଏବଂ ଆଗକୁ ଆବଶ୍ୟକ ପଡ଼ିଲେ ଅଧିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଚିଟ୍‌ଫଣ୍ଡ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଶ୍ରୀ ସାମଲ କହିଛନ୍ତି ଯେ, ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାରି ରହିଛି। ଖୁବଶୀଘ୍ର ଜନସାଧାରଣ ନିଜ ପ୍ରାପ୍ୟ ଫେରିପାଇବେ। ବିଜେପି ସରକାର ଯାହା କହନ୍ତି ତାହା କାର୍ଯ୍ୟରେ କରି ଦେଖାନ୍ତି ବୋଲି ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ପୁରୀରେ ପହଞ୍ଚିବା ପରେ ହସ୍ପିଟାଲ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ସାମଲଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡଃ ଦେବେନ୍ଦ୍ର ନାଥ ତରେଇଙ୍କ ସମେତ ଜିଲ୍ଲା ବିଜେପିର ବହୁ ବରିଷ୍ଠ କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

## ୧୦ରୁ ଓଡ଼ିଆ ମହୋତ୍ସବ ଓ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

**ଭୁବନେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଅସ୍ମିତାର ମହାପର୍ବ ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଏକବିଂଶ ବର୍ଷରେ ପହଞ୍ଚିଛି। ସାଧାରଣତଃ ଉତ୍ସବ ଓ ମହୋତ୍ସବରେ ନୃତ୍ୟ ଗୀତ ଆଦି ମନୋରଞ୍ଜନକୁ ପ୍ରାଧାନ୍ୟ ମିଳୁଥିବା ବେଳେ ଭିନ୍ନତାର ଏହି ମହୋତ୍ସବ ଓଡ଼ିଆ ପ୍ରଥା,ପରମ୍ପରାର ପରିଚୟ ତଥା ଭାଷା ଓ ସଂସ୍କୃତି ଆଧାରିତ ଏକ ନିଆରା ଉତ୍ସବ। ଓଡ଼ିଆ ଅସ୍ତିତ୍ୱ, ଅସ୍ମିତାର ସୁରକ୍ଷା ପାଇଁ ଏକ ଅଭିଯାନ। ଏହି ଉଦ୍ଦେଶ୍ୟରେ ଏହି ମହୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଭାବେ ଆୟୋଜିତ ହୋଇଥାଏ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ଓଡ଼ିଆଙ୍କର ନିଚ୍ଛକ ପରିଚୟ ଭାବେ ଓଡ଼ିଆଣୀମାନେ ଯେଉଁଗୁଡ଼ିକୁ ପରମ୍ପରା ଓ ପ୍ରଥା ଭାବେ ପାଳନ କରି ଆସିଥାଆନ୍ତି ସେହିଗୁଡ଼ିକୁ ସଗର୍ବେ ଉପସ୍ଥାପନ କରିବାର ଅବସର ହେଉଛି ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ତନ୍ମଧ୍ୟରେ ଝୋଟି, ପିଠା, ମୁରୁଜ, ଡଗଡମାଳି, ଶଙ୍ଖଫୁଙ୍କା, ହୁଳହୁଳି, ପୁରାଣ ଆବୃତି ପାରମ୍ପରିକ ସଂଗୀତ, ଓଡ଼ିଆ ଭାଷାଜ୍ଞାନ,ଦଳଗତ ଆଲୋଚନା ଓ ଓଡ଼ିଆଣୀ ବେଶଭୂଷାକୁ ନେଇ ପରିକଳ୍ପିତ ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା। ଓଡ଼ିଆ ମହୋତ୍ସବର ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଛି। ଯାହାକି ଆସନ୍ତା ୧୦,୧୧,୧୨,୧୩ ଓ ୧୪ ପାଂଚଦିନ ଧରି ପ୍ରତ୍ୟହ ସଂଧ୍ୟା ୬ ଘଟିକାରେ ଏକାମ୍ର ହାଟଠାରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବ ସହ ଶେଷ ହେବ। ଚାରି ବର୍ଷର ବିରତି ପରେ ଚଳିତ ଥର ପୁନର୍ବାର ଓଡ଼ିଆ ମହୋତ୍ସବ ସମ୍ମାନ ପ୍ରଦାନ କରାଯିବ। ଆଜି ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସଂଭାବନାର ସଂପାଦକ ତଥା ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ଯୁବ ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ୨୦୨୫ର ଶ୍ରେଷ୍ଠ ଓଡିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋତ୍ସ୍ନାମୟୀ ସେନାପତି, ଓଡିଆଣୀ ସମିତିର ସଂପାଦିକା ରେଖା ସାହୁ ଉପସ୍ଥିତ ଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ବର୍ଣ୍ଣବୋଧ' ବଣ୍ଟନ



**ଖୋର୍ଦ୍ଧା,୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ପକ୍ଷରୁ ପାଳିତ ହେଉଥିବା 'ଓଡ଼ିଆ ଭାଷା ପକ୍ଷ' ଅବସରରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଏକ ଭାଷା ସଚେତନତା ଓ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରଣୀତ 'ବର୍ଣ୍ଣବୋଧ' ପୁସ୍ତକ ବଣ୍ଟନ କରିଥିଲେ। ମାତୃଭାଷାର ମୂଳଦୁଆକୁ ମଜଭୁତ କରିବା ପାଇଁ ବର୍ଣ୍ଣବୋଧର ଆବଶ୍ୟକତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି ଏବଂ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୃଜନିକା ମହାପାତ୍ର, ସୁଦୀପ୍ତା ପଟ୍ଟନାୟକ, ସୁଜାତା ବେହେରା ଓ ସୋନାଲି ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସର୍ବଶେଷରେ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱାକୁ ପଛରୁ ପିଟିଲା ଆମ ବସ୍

**ଭୁବନେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ପୁଣି ଦୁର୍ଘଟଣା ଘଟାଇଲା ଆମ ବସ୍। କଟକରୁ ଭୁବନେଶ୍ୱର ଆସୁଥିବା ୩୭ ନମ୍ବର ଆମ ବସ୍‌ଟି ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭ ନଗର ଛକ ନିକଟରେ ଗୋଟିଏ ହାଇୱାକୁ ପଛରୁ ଧକ୍କା ଦେଇଛି। ଦୁର୍ଘଟଣାରେ ବସ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଆମ ବସ୍‌ର ୨ଟି କାଚ ଭାଙ୍ଗି ବସ୍ ଭିତରେ ଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ବସ୍ ଝରକା ପାଖରେ ବସିଥିବା ଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆମ ବସ୍ ଡ୍ରାଇଭର୍‌ଙ୍କ ଅସାବଧାନତା ପାଇଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି।

## ସମବାୟ ବ୍ୟାଙ୍କ ଛକ ଓ ତହସିଲ୍ ଅଫିସ୍ କଡ଼ରୁ ହଟିଲେ ଅମାନିଆ ବ୍ୟବସାୟୀ



**ଖୋର୍ଦ୍ଧା,୭।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ସହରକୁ ସରସ ସୁନ୍ଦର ଓ କ୍ୟାବିନ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଅଭିଯାନ ଜୋରଦାର କରାଯାଇଛି। ପୂର୍ବରୁ କ୍ୟାବିନ ଉଚ୍ଛେଦ ହୋଇଥିଲେ ହେଁ କିଛି ଅମାନିଆ ବ୍ୟବସାୟୀ ପୁନର୍ବାର ରାସ୍ତାକଡ଼ ମାଡ଼ି ବସିବାରୁ ଆଜି ପ୍ରଶାସନ ପକ୍ଷରୁ ପୁଣି ଥରେ ବୁଲ୍‌ଡୋଜର ଚଳାଯାଇଛି। ସହରର ସମବାୟ ବ୍ୟାଙ୍କ ଛକ ଏବଂ ତହସିଲ ଅଫିସ ପାଚେରୀକୁ ଲାଗି ବସିଥିବା ବେଆଇନ ପରିବା ପିଣ୍ଡିଗୁଡ଼ିକୁ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସହରକୁ ଅବରୋଧ ମୁକ୍ତ କରିବା ପାଇଁ ପୌର ପରିଷଦ ପକ୍ଷରୁ ପୂର୍ବରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ମାତ୍ର କିଛି ଅସାଧୁ ବ୍ୟବସାୟୀ ପୁଣି ଥରେ ନିଜର ପସରା ମେଲାଇବା ଆରମ୍ଭ କରିଥିଲେ। ଏ ନେଇ ପୌର ପରିଷଦ ପକ୍ଷରୁ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରାଯିବା ପରେ ଆଜି ସକାଳୁ ପୋଲିସ ସହାୟତାରେ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଛି। ସହରର ସୌନ୍ଦର୍ଯ୍ୟକରଣ ବଜାୟ ରଖିବା ପାଇଁ ଆଗକୁ ପ୍ରଶାସନ ଏଥିପ୍ରତି ସଜାଗ ରହିବ ବୋଲି ଜଣାପଡ଼ିଛି। ଯଦି କୌଣସି ଉଠା ବ୍ୟବସାୟୀ ପୁନର୍ବାର ରାସ୍ତା କଡ଼ରେ ବସନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଇଗ୍ନୋର ୩୯ତମ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ଇଗ୍ନୋର ୩୯ତମ ସମାବର୍ତ୍ତନ ଉତ୍ସବ ଦେଶର ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍ ମୁଖ୍ୟଅତିଥି ଏବଂ ଦିଲ୍ଲୀର ଉପରାଜ୍ୟପାଳ ତରନଜିତ ସିଂହ ସାନ୍ଧୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଇଗ୍ନୋର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ଏବଂ ଡିପ୍ଲୋମା ପ୍ରଦାନ କରିଥିଲେ।



ଜୟଦେବ ଭବନରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଉତ୍ସବରେ ଅତିଥି ଭାବେ ରବିନାରାୟଣ ନାୟକ, ମନ୍ତ୍ରୀ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଖାଦ୍ୟ ଯୋଗାଣ ଏବଂ ଗ୍ରାହକ ବ୍ୟାପାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ସମ୍ମାନିତ ଅତିଥି ଭାବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗ ଦେଇଥିଲେ। ଇଗ୍ନୋର ୩.୨୪ ଲକ୍ଷ ଶିକ୍ଷାର୍ଥୀ, ଯେଉଁଥିରେ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ୭୧୯ ଜଣ ଶିକ୍ଷାର୍ଥୀ (୩୪୧୦ ମାଷ୍ଟର ଡିଗ୍ରୀ ଛାତ୍ର; ୨୬୬୮ ସ୍ନାତକ ଡିଗ୍ରୀ ଛାତ୍ର; ୨୪୩ ପିଜି ଡିପ୍ଲୋମା / ପିଜି ସାର୍ଟିଫିକେଟ୍ ଛାତ୍ର, ୩୮୯ ଡିପ୍ଲୋମା ଛାତ୍ର ଏବଂ ୪୦୪ ଜଣ ସାର୍ଟିଫିକେଟ୍) ସାମିଲ ଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ସମାବର୍ତ୍ତନ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ; ଏହା ଜ୍ଞାନ, ସ୍ଥିରତା ଏବଂ ପରିବର୍ତ୍ତନର ଏକ ଉତ୍ସବ। ସେ କହିଥିଲେ ଯେ ମହାଭାରତର ଏକଲବ୍ୟଙ୍କ ପରି ଇଗ୍ନୋର ଛାତ୍ରମାନେ ଆତ୍ମ-ପ୍ରେରିତ ଏବଂ ଜୀବନବ୍ୟାପୀ ଶିକ୍ଷାର ଜୀବନ୍ତ ଉଦାହରଣ। ସେ ସଫଳ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସମାବର୍ତ୍ତନ ଉତ୍ସବ ପାଇଁ ଅଭିନନ୍ଦନ ଜଣାଇ କହିଥିଲେ ଯେ ସେମାନେ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ଏବଂ ସେମାନଙ୍କର ଦକ୍ଷତା ଏବଂ ଜ୍ଞାନ ବିକଶିତ ଭାରତ ୨୦୪୭ ପାଇଁ ଏକ ବଡ଼ ଯୋଗଦାନ ଦେବ। ପ୍ରଫେସର ଏନ ସି ପଣ୍ଡା ତାଙ୍କ ଭାଷଣରେ ଶିକ୍ଷାର୍ଥୀଙ୍କ ଦ୍ୱାରଦେଶରେ ଉଚ୍ଚଶିକ୍ଷା ପହଞ୍ଚାଇବାରେ ଇଗ୍ନୋର ଭୂମିକାକୁ ପ୍ରଶଂସା କରିଥିଲେ। ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ୍ କେ ଦାଶ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଗତ ଏକ ବର୍ଷରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ। ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ଉପନିର୍ଦ୍ଦେଶକ ଡକ୍ଟର ବିମଳ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏସ୍ କେ ପାଣିଗ୍ରାହୀ, ଉପନିର୍ଦ୍ଦେଶକ ଡକ୍ଟର ପି. କେ. ଜେନା, ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ନିତିଦିନ NITIDIN

## ପାଣିଛତ୍ରରେ ଝାମୁ ଯାତ୍ରା

**ନୟାହାଟ,୭।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଠାରେ ବୀରବର ଗାଦିଙ୍କ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ବହୁ ଲୋକଙ୍କ ସମାବେଶ ହୋଇଥିଲା। ଭକ୍ତମାନେ ବୀରବର ଗାଦିଙ୍କୁ ଦର୍ଶନ କରିବା ସହିତ ଭୋଗରାଗ କରିଥିଲେ। ଏଠାରେ ଯାନି ଯାତ୍ରା ହେବା ସହିତ ଅଭଡ଼ା ପାଣି ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା ଏବଂ ରାତିରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କୈଳାସ ପାତ୍ର ପ୍ରକାଶ କରିଛନ୍ତି।



# ବୁଲିଲା ଶିକ୍ଷା ସଚେତନତା ରଥ

**ଓଡ଼ଗାଁ,୭।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଶିକ୍ଷାବିଭାଗ ଅନ୍ତର୍ଗତ କୁରାଳ, କୋମଣ୍ଡ,ସୁନାମୁହିଁ ଓ ମାସାବାରୀ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ସହିତ ପାଠପଢ଼ା ପ୍ରତି ଆଗ୍ରହସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଖଡ଼ିଛୁଆଁ ଏବଂ ପ୍ରବେଶ ଉତ୍ସବ ଆରମ୍ଭ କରିଛନ୍ତି। ୩ଦିନ ହେଲା ଏହି କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଓଡ଼ଗାଁ ଶିକ୍ଷାବିଭାଗ ପକ୍ଷରୁ ଏକ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମ ପରିକ୍ରମା କରିଛି। ଏଥିସହିତ ବିଭିନ୍ନ ବିଦ୍ୟାଳୟରେ ଏହିଶିକ୍ଷା ସଚେତନତା ରଥକୁ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ



ଏକ ଶିକ୍ଷା ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆର୍ସିସି, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। କୁରାଳ ଜଗୁନାରାୟଣ ସରକାରୀ ଉପ୍ରା ବିଦ୍ୟାଳୟ, ନୋଡାଳ ହାଇସ୍କୁଲ, ଆନନ୍ଦସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନଥିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ରଥକୁ ସ୍ୱାଗତ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ କୋମଣ୍ଡ କ୍ଲଷ୍ଟର ସିଆରସିସି ଲଳିତ ମୋହନ ମିଶ୍ର ଓ ମାସାବାରି କ୍ଲଷ୍ଟର ସିଆରସିସି ଯଶୋବନ୍ତ ପଟ୍ଟନାୟକ ପରିଚାଳନା କରିଥିବା ଜଣାପଡ଼ିଛି।

## ମା’ ସିଦ୍ଧବାଶେଳୀଙ୍କ ଚଇତି ପର୍ବ ଉଦ୍‌ଯାପିତ



**କଣ୍ଟିଲୋ,୭।୪/ଏନ୍ଏନ୍ଏସ୍:** କଣ୍ଟିଲୋ ପଞ୍ଚାୟତ କଂସାରୀ ସାହି ପାଟଣା ନିଆଳି କୈବର୍ତ୍ତ ସମାଜ ତରଫରୁ ଚଳିତ ବର୍ଷ ପାଳିତ ହୋଇଥିବା ଚଇତି ପର୍ବ ଶେଷ ହୋଇଯିବା ପରେ ମା’ କୋଠୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୂଚନାରୁ ପ୍ରକାଶ ଯେ, ପବିତ୍ର ଚୈତ୍ର ପୂର୍ଣ୍ଣମୀଠାରୁ ତିନିଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତି ନୀତି ପୂଜା ବିଧି ଅନୁଯାଇ ଅଶ୍ୱ ମସ୍ତକ ମା’ବାଶେଳୀ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଢୋଲ ବାଜା, ଡିଜେ ବାଜା, ଖୋଳ ତାଳ, ନଦୀଆ କୀର୍ତ୍ତନର ତାଳେତାଳେ ଏକ ବିରାଟ ପଟୁଆରରେ କାଠ ଓ ବେତରେ ନିର୍ମିତ ଚଇତି ଘୋଡ଼ା ସହ ମାଆଙ୍କୁ ଗ୍ରାମ ବିଜେ କରି ଚାଟେରୀ ଭୋଗ ସହ ପ୍ରଭୁ ଶ୍ରୀ ନୀଳମାଧବଙ୍କ ସିଂହ ଦ୍ୱାରରେ ଆବଶ୍ୟକୀୟ ନୀତିକାନ୍ତି ଶେଷ କରି ଫେରିବା ପରେ ରାତ୍ର ୧୦ ଘଣ୍ଟା ୩୦ ମିନିଟ ସମୟେ ମା’ କୋଠିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତବର୍ଷ ଏହି ପର୍ବ ନିଆଳି କୈବର୍ତ୍ତ ସମାଜର ସଭାପତି ସନ୍ତୋଷ ବେହେରା, ପ୍ରଭାତ ବେହେରା, ଶରତ ବେହେରା, ଜଗନ ବେହେରା, ଜ୍ଞାନରଞ୍ଜନ ବେହେରା, ମିଥୁନ ବେହେରା, ସଂଗ୍ରାମ ବେହେରା ଓ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଶେଷ ହୋଇଥିବା ସୂଚନା ମିଳିଛି।

## ମଣ୍ଡଳ ଓ ବୁଥ୍‌ସ୍ତରୀୟ ବିଜେପି ପ୍ରତିଷ୍ଠା ଦିବସ

**ଚାରିଛକ,୭।୪/ଏନ୍ଏନ୍ଏସ୍:** ଆଜି ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀର ବିଜେପିର ସମସ୍ତ ୭ଟି ମଣ୍ଡଳ ଏବଂ ବୁଥ୍ ସ୍ତରର ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉତ୍ସାହର ସହ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକର୍ତ୍ତାମାନେ ପତାକା ଉତ୍ତୋଳନ କରିବା ସହ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସଂକଳ୍ପ ନେଇଥିଲେ। ମଣ୍ଡଳଗୁଡ଼ିକର ସଭାପତି ଏବଂ ବରିଷ୍ଠ ନେତୃବୃନ୍ଦ ଏହି ଅବସରରେ ବିଜେପିର ଇତିହାସ, ମହାନ ନେତୃବୃନ୍ଦଙ୍କ ତ୍ୟାଗ, ବଳିଦାନ ଓ ସଂଘର୍ଷର ଗାଥା ବାବଦରେ ଆଲୋକପାତ କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶରେ ସ୍ଥାପିତ ଏହି ଦଳର ବିଚାର ବାବଦରେ ଏହି ଅବସରରେ ବକ୍ତାମାନେ ମତପ୍ରକାଶ କରିଥିଲେ। ବିଶେଷ କରି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବବାଦର ମୂଳମନ୍ତ୍ର ‘ଅନ୍ତ୍ୟୋଦୟ’ ଆଧାରରେ ସମାଜର ଶେଷ ପହାଚରେ ଥିବା ବ୍ୟକ୍ତିଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ଓଡ଼ିଆ ପକ୍ଷ ସମ୍ପର୍କିତ ଆଲୋଚନାଚକ୍ର

**ଓଡ଼ଗାଁ,୭।୪/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରା ଯାଉଥିବାବେଳେ ଓଡ଼ଗାଁ ରଘୁନାଥ ସଂସ୍କୃତ ଟୋଲ୍ର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଓଡ଼ିଆପକ୍ଷ ୨୦୨୬ ପାଳନର ପଞ୍ଚମ ଦିବସରେ ଡଃ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ଆଭାସୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପଣ୍ଡିତ ଲଳିତ ମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଅନ୍ୟତମ ବକ୍ତାଭାବେ ଯୋଗଦେଇ ଓଡ଼ିଆ ଐତିହ୍ୟର ମହାନତା ଉପରେ ଆଲୋକପାତ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ସମସ୍ତେ ଦୃଢ଼ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ତା’ସହିତ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିବା ବେଳେ ଅବସରପ୍ରାପ୍ତ ପଣ୍ଡିତ ଗୋପୀନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ଜଣାପଡ଼ିଛି।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



**ଗୋପ,୭।୪/ଏନ୍ଏନ୍ଏସ୍:** ଗୋପବ୍ଲକ ଅଧିନ ଇଶାଣପୁର ପଞ୍ଚାୟତ ସ୍ଥିତ ମଧୁବନ ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ବ୍ରଜବନ୍ଧୁ ସାହୁଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ମେଧାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ସଭାପତି ହରିଶ୍ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଲଲାଟେନ୍ଦୁ ମିଶ୍ର, ମୁଖ୍ୟବକ୍ତା ଭାବେ ବେ ଦେଶବନ୍ଧୁ ଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ମଲ୍ଲିକ୍, ସମ୍ମାନିତ ଅତିଥି ଭାବେ ସିଆରସିସି ଅରବିନ୍ଦ ସାହୁ, ପ୍ରାକ୍ତନ ସରପଞ୍ଚ ଜ୍ୟୋସ୍ନାରାଣୀ ମହାନ୍ତି, ଇଂ. ପୂର୍ଣଚନ୍ଦ୍ର ସାହୁ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ଗୁଣଗାନ କରିଥିଲେ। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ମେଧାବୀ ଛାତ୍ରୀ ସୋନାଲି ବେହେରା, ସୌମ୍ୟାଶ୍ରୀ ମହାପାତ୍ର, ଚନ୍ଦନ ସାହୁଙ୍କୁ ପଦକ, ପ୍ରମାଣପତ୍ର ସହ ବୃତ୍ତି ପ୍ରଦାନ କରିଥିଲେ। ସ୍ୱର୍ଗତ ସାହୁଙ୍କ କନିଷ୍ଠା କନ୍ୟା ଶୁଭଲକ୍ଷ୍ମୀ ସାହୁ, ପୁତ୍ର ରାକେଶ ସାହୁ, ଖୁକେଶ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସଂସଦ ସଂପାଦକ କାହ୍ନୁଚରଣ ସାହୁ, ଶିକ୍ଷାବିତ୍ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ବଡ଼ ଝିଅ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ତମ ବିରୂପା ମହୋତ୍ସବ ପ୍ରସ୍ତୁତି ବୈଠକ




**ସାଲେପୁର,୭।୪/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଠାରେ ଆସନ୍ତା ଏପ୍ରିଲ ମାସ ୨୪ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୪ତମ ବିରୂପା ମହୋତ୍ସବ ୨୦୨୬ର ଏକ ପ୍ରସ୍ତୁତି ବୈଠକ ପାଗାଛକ ସ୍ଥିତ ସୁହାନୀ ମଣ୍ଡପ ଠାରେ ମହୋତ୍ସବ କମିଟିର ଉପଦେଷ୍ଟା ଦୀଲିପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପୀ ହେବାକୁ ଥିବା ମହୋତ୍ସବରେ ଓଡ଼ିଶାର ପ୍ରଖ୍ୟାତ ବ୍ୟକ୍ତି ବିଶେଷକ ତଥା ବୁଦ୍ଧିଜୀବୀ ଅତିଥି ଭାବେ ଯୋଗଦେବା ସହିତ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ତଥା ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଆହୁରି ଆକର୍ଷଣ କରିବା ନିମନ୍ତେ ପ୍ରତି ସନ୍ଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ଧାରାବାହିକର କଳାକାରଙ୍କ ସମେତ ପ୍ରତିଷ୍ଠିତ ନୃତ୍ୟ ତଥା ସଂଗୀତ ଗ୍ରୁପମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୈଠକରେ ଶ୍ରୀକାନ୍ତ ସାମଲ, ସୁରେଶ କୁମାର ରାଉତ, ପ୍ରଶାନ୍ତ କୁମାର ଭୂୟାଁ, ଅଜୟ କୁମାର ଲେଙ୍କା, ବିଶ୍ୱରଜନ ସାହୁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ ଓ ଦେବେନ୍ଦ୍ର ନାଥ ସ୍ୱାଇଁ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

## କୋଣାର୍କରେ ଅଦୃଶ୍ୟ ହମ୍ପ୍‌ସ୍‌କୁ ନେଇ ବଢୁଛି ଦୁର୍ଘଟଣା

**ପର୍ଯ୍ୟଟକଙ୍କ ଜୀବନ ବିପଦରେ**



**କୋଣାର୍କ,୭।୪/ଏନ୍ଏନ୍ଏସ୍:** ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ବସ, କାର ଆସୁଥିଲା ବେଳେ ସ୍ଥାନୀୟ ଲୋକଙ୍କ ଶତାଧିକ କାର ଓ ମଟରସାଇକେଲ ମଧ କୋଣାର୍କକୁ ଯାତାୟାତ କରିଥାଏ। ମାତ୍ର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କୋଣାର୍କରୁ ଭୁବନେଶ୍ୱର ମୁଖ୍ୟ ରାସ୍ତାର ବିଭିନ୍ନ ରାସ୍ତାକଡ଼ ସ୍କୁଲ ସମ୍ମୁଖରେ ଛତ୍ରଛାତ୍ରୀଙ୍କ ସୁରକ୍ଷାକୁ ନଜରରେ ରଖି ଏବେ ଗୋପ ପୂର୍ତ୍ତବିଭାଗ ପକ୍ଷରୁ କୋଣାର୍କରୁ ଗୋପ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଉଭୟ ଦିଗରୁ ହମ୍ପସ ନିର୍ମାଣ କରାଯାଇଛି। ବିଶେଷ ଭାବେ କୋଣାର୍କ ହାଇସ୍କୁଲ ସମ୍ମୁଖ, ମାଧିପୁର ଛକ, କୁଣେଇ ବଜାର, ଦଶବାଟିଆ ଛକରେ ନିର୍ମାଣ ହୋଇଥିବା ଅଦୃଶ୍ୟ ହମ୍ପସ ଏବେ ଦେଶବିଦେଶ ପର୍ଯ୍ୟଟକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ହମ୍ପସକୁ ଦେଖିବା ପାଇଁ ପୂର୍ବରୁ ସତର୍କତାମୂଳକ କୌଣସି ରଙ୍ଗ ଦିଆଯାଇ ନାହିଁ କି କୌଣସି ସତର୍କ ସୂଚନା ଫଳକ ନ ଲାଗିଥିବାରୁ ଅନେକ ଗାଡି ଏହି ହମ୍ପସରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ି ଦୈନିକ ଅନେକ ପର୍ଯ୍ୟଟକ ଆହତ ହେଉଥିଲା ବେଳେ ଅନେକ ମଟର ସାଇକେଲ ଏହି ହମ୍ପସ ରେ ଅଚାନକ ପଡି ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଥିବା ଦେଖିବାକୁ ମିଳିଛି। ପୂର୍ତ୍ତବିଭାଗ ପକ୍ଷରୁ ଦୁର୍ଘଟଣାକୁ ରୋକିବା ପାଇଁ ଏହି ହମ୍ପସ ନିର୍ମାଣ କରାଯାଇଥିଲା ବେଳେ ପୂର୍ତ୍ତବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ କୌଣସି ସତର୍କତା ସୂଚନା କି ଧଳା ରଙ୍ଗ ପୂର୍ବରୁ ଏ ପର୍ଯ୍ୟନ୍ତ ଦିଆଯାଇ ନଥିବାରୁ ଏବେ ଏହା ସମସ୍ତଙ୍କ ପାଇଁ ବିପଦର କାରଣ ପାଲଟିଛି। ତୁରନ୍ତ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସୁରକ୍ଷାମୂଳକ ପଦକ୍ଷେପ ନେବାକୁ ପୁରୀ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେଇ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହୋଇଛି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ କୁନିପ୍ରତିଭା



**ଫୁଲନଖରା,୭।୪/ଏନ୍ଏନ୍ଏସ୍:** ମଣିଷ ନିଜର ଜନ୍ମ ଦିନ କିମ୍ବା ଅନ୍ୟାନ୍ୟ ସ୍ମରଣୀୟ ଦିବସ ଗୁଡ଼ିକୁ ମହତ୍ କାର୍ଯ୍ୟ ସଂପାଦନ ପୂର୍ବକ ପାଳନ କରିବା ଆବଶ୍ୟକ ଯାହାକି ଆମକୁ ଇତିହାସ ମନେରଖି ବା ଏହା ସମାଜ ପାଇଁ ନବଚେତନା ସୃଷ୍ଟି କରିବ। ଏହିଭଳି ଉଚ୍ଚାଙ୍ଗ ଅତି ମାନବୀୟ ଚିନ୍ତା ଚେତନାରେ ଉଦବୁଦ୍ଧ ହୋଇ ନିଆରା ଢଙ୍ଗରେ ନିଜର ନବମ ଜନ୍ମବାର୍ଷିକ ଉତ୍ସବ ପାଳିଛନ୍ତି କୁନି ପ୍ରତିଭା ତଥା ଶିଶୁ ଚିତ୍ରଶିଳ୍ପୀ ସୌଭାଗ୍ୟ ରାଉତ। ସୌଭାଗ୍ୟ ନିଜର ଜନ୍ମ ଦିନ ଅବସରରେ ପ୍ରଭାତରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ପିତାମାତା, ଆତ୍ମୀୟ ସ୍ୱଜନ ଏବଂ ସହପାଠୀମାନଙ୍କ ସହିତ ଯାଇ ବୋଇଲୋ ବାଳାଶ୍ରମ ଠାରେ ଅନ୍ତେବାସୀଙ୍କ ସହ କେକ୍ କାଟିବା, ପ୍ରସାଦ ସେବନ, ଉପହାର ପ୍ରଦାନ କରିବା ଏବଂ ବହୁ ମନୋରଞ୍ଜନ କାର୍ଯ୍ୟକ୍ରମ ଦ୍ୱାରା ନିଜର ଜନ୍ମଦିନ ପାଳନକରି ଶିଶୁ ସମାଜ ବା ବିଦ୍ୟାର୍ଥୀମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସୂଚନାଯୋଗ୍ୟ ସୌଭାଗ୍ୟ ଅଧୁନା ଫୁଲନଖରା ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗର ଚତୁର୍ଥ ଶ୍ରେଣୀର ମେଧା ପ୍ରତିଭା ଏବଂ କଟକ ଜିଲ୍ଲା କିଶନନଗର ଥାନା ଅନ୍ତର୍ଗତ ସୋଗଲ ଗ୍ରାମ ନିବାସୀ ସମାଜସେବୀ ତଥା ଗବେଷକ ଇଂ. ବସନ୍ତ ରାଉତ ଓ ଧର୍ମପ୍ରାଣା ସୋନାଲି ରାଉତଙ୍କ ସୁପୁତ୍ର ଅଟନ୍ତି।

## ସାଧୁଚରଣ ବିଦ୍ୟାପୀଠରେ ୧୯୮୦ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**କିଶୋରନଗର,୭।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ ଅନ୍ତର୍ଗତ ସାଧୁଚରଣ ବିଦ୍ୟାପୀଠ, ନାନପୁର ୧୯୮୦ ମସିହା ମାଟ୍ରିକ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଅରଣା ପଞ୍ଚାୟତ ଅନ୍ତର୍ଗତ କୋଶଳ ଗ୍ରାମର ବେଲବଣ ମଠରେ ଏକ ମନୋରମ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଦିବଙ୍ଗତ ସାଥିମାନଙ୍କ ପାଁଇ ଏକ ମିନିଟ ନିରବ ପ୍ରାର୍ଥନା ପରେ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତି ଅନୁଭୂତିକୁ ନିଜ ନିଜ ମଧ୍ୟରେ ବଖାଣୀ ଭାବପ୍ରବଣ ହୋଇଯାଇଥିଲେ। ଚାକିରିରୁ ଅବସର ନେଇଥିବା ବନ୍ଧୁମାନଙ୍କୁ ଅନ୍ୟ ବନ୍ଧୁମାନେ ସମ୍ବର୍ଦ୍ଧିତ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ପରିବାର ବର୍ଗ ଏଥିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଜା ପ୍ରସାଦ ଦାସ, ପ୍ରଭଞ୍ଜନ ଦାସ, ପ୍ରଦୀପ୍ତ ମହାନ୍ତି, ଧୀରେନ୍ଦ୍ର ବେହେରା,ପୀତଦାସ ସେନାପତି, ଅଶୋକ ମହାନ୍ତି, ଅଜୟ ଦାସ, ହିବଜୁଲ ବାରି, ସଫିଉର ରହେମନ, ନଇମି ଉଦ୍ଦିନ,ବାସନ୍ତୀ ଲେଙ୍କା, ସୁଜାତା ରଥ,ସନ୍ଧ୍ୟା ରାଣୀ ସାହୁ, ସରୋଜିନୀ ଦାସ,ଦୁଖୀ ଶ୍ୟାମ ମହାନ୍ତି, ପ୍ରଭାକର ବିଶ୍ୱାଳ, ଲକ୍ଷ୍ମଣ ଖୁଣ୍ଟିଆ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ବିଚିତ୍ରା ନନ୍ଦ ବେହେରା, ପିରେନ ସାମନ୍ତ ସିଂହାର, ପୂର୍ଣ୍ଣାନନ୍ଦ ସାହୁ, ସନ୍ତୋଷ କୁମାର ଚୌଧୁରୀ, ଶ୍ରୀବତ୍ସ ମିଶ୍ର, ଦିବାକର ମିଶ୍ର ଓ ଅନ୍ୟାନ୍ୟ ବନ୍ଧୁ ମାନେ ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିଲେ। ଆସନ୍ତା ଡ଼ିସେମ୍ବରରେ ଆଉ ଏକ ବଡ଼ ଧରଣର ବନ୍ଧୁମିଳନ ପ୍ରବାସୀ ସୂର୍ଯ୍ୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ହେବ ବୋଲି ପ୍ରସ୍ତାବ ଗୃହୀତ ହେଇଥିଲା।

## କଲେଜ ଅଧ୍ୟାପକଙ୍କ ପତ୍ନୀ ବିୟୋଗରେ ଶୋକ



**ଚିଲିକା,୭।୪/ଏନ୍ଏନ୍ଏସ୍:** ନାଚୁଣୀ କଲେଜ ପ୍ରାଣୀବିଜ୍ଞାନର ଅଧ୍ୟାପକ ଦେବଦତ୍ତ ପାଣିଙ୍କର ଧର୍ମପତ୍ନୀ ରଶ୍ମୀମାଳା ପାଣିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟକୁ ତାଙ୍କୁ ୫୪ବର୍ଷ ବୟସ ହୋଇଥିଲା। ସେ ଜଣେ ସ୍ନେହିଁ, ଅମାୟିକ ଓ ଧର୍ମପ୍ରାଣା ମହିଳା ଥିଲେ। ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର ହସପିଟାଲ ନିଆଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ପାଖରେ ସ୍ୱାମୀ ଦେବଦତ୍ତ, ଦୁଇ ପୁତ୍ର ଦୁର୍ଗାମାଧବ ଓ ରୁଦ୍ରମାଧବ ଉପସ୍ଥିତ ଥିଲେ। ତାଙ୍କ ମୃତ ଶରୀର ବାଣପୁରରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ବଜାରସ୍ଥ ବାସଗୃହ ଠାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ତଥା ନାଚୁଣୀ କଲେଜର ପ୍ରତିଷ୍ଠାତା ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, କଲେଜ ଅଧକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ, ଅଧ୍ୟାପକ ଗୋଲକ ବିହାରୀ ବାରିକ, ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥା ଓ ମୁଖ୍ୟ କିରାଣୀ ପ୍ରମୋଦ କୁମାର ସୁବୁଦ୍ଧି ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ପୁରୀରେ ସ୍ପେସିଆଲ୍ ଏନ୍‌ଫୋର୍ସମେଣ୍ଟ୍ କମ୍ ରୋଡ୍ ସେଫ୍‌ଟି ଆୱାର୍‌ନେସ୍



**ପୁରୀ,୭।୪/ଏନ୍ଏନ୍ଏସ୍:** ସ୍ପେସିଆଲ ଏନଫୋର୍ସମେଣ୍ଟ କମ ରୋଡ ସେଫଟି ଆୱାରନେସ ଡ୍ରାଇଭ ରାଜ୍ୟ ପରିବହନ ଙ୍କ ତରଫରୁ ଗତ ୨୧ ତାରିଖ ରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରଖାଯାଇଅଛି। ଏଣୁ ୨୧ ତାରିଖ ଠାରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ ଏନଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି। ଏହି ପରିପେକ୍ଷୀରେ ଆଜି ପୁରୀ ମଙ୍ଗଳାଘାଟ ଏବଂ ତୋଶାଳୀ ଠାରେ ଏନଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ କରାଯାଇଛି। ଏନଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦେବାଶିଷ ପଣ୍ଡା,ମୋଟର ଯାନ ନିରୀକ୍ଷକ ଶ୍ରୀ ବିଭୁ ରଞ୍ଜନ ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଦମୟନ୍ତୀ ମାହାଲି, ଟ୍ରାଫିକ ଇନ୍ସପେକ୍ଟର ଶ୍ରୀ ସୁଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ. ଏବଂ ସେଠାକାର ଥାନା ଅଧିକାରୀ ମାନେ ମଧ ଏହି ଏନଫୋର୍ସମେଣ୍ଟ ଏବଂ ସଡ଼କ ସୁରକ୍ଷା ଆୱାରନେସ କାର୍ଯ୍ୟରେ ଯୋଗଦେଇଥିଲେ। ଆଇନ ଉଲଙ୍ଘନ କାରୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାଲାଣ ୩୮ଟି କରାଯାଇ ଏଥିରେ ଜୋରିମାନା ୧,୧୮,୯୨୫ ଟଙ୍କା ମଧ ଆଦାୟ କରାଯାଇଛି।

## ଶିକ୍ଷା ସଚେତନତା ରଥ ପରିକ୍ରମା



**ବୋଲଗଡ଼,୭।୪/ଏନ୍ଏନ୍ଏସ୍:** ବୋଲଗଡ଼ ଗୋଷୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଦିନ ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ୪ଟି ସାଧନ କେନ୍ଦ୍ର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟ, ଗ୍ରାମ ଓ ବଜାରରେ ଶିକ୍ଷା ସଚେତନତା ରଥର ପରିକ୍ରମା କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳନ ଅବସରରେ ଜନସାଧାରଣଙ୍କୁ ଶିଶୁ ମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ଏବଂ ସରକାରୀ ବିଦ୍ୟାଳୟମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ନାମଲେଖା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ରଥ ସମଗ୍ର ବୋଲଗଡ଼ ମଣ୍ଡଳରେ ପରିକ୍ରମା କରିବ। ଦ୍ୱିତୀୟ ଦିବସର ପୂର୍ବାହ୍ନରେ ସଂପୁର ଠାରେ ସାଧନ କେନ୍ଦ୍ର ସଂଯୋଜକ ବିଭୁପ୍ରସାଦ ମହାପାତ୍ର ଙ୍କ ନେତୃତ୍ୱରେ ରଥ ପହଞ୍ଚିଥିଲା। ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଏବଂ ତାଙ୍କର ସହକର୍ମୀମାନେ ରଥ କୁ ସ୍ୱାଗତ କରିଥିଲେ। ପରେ ଫିରିଫିରା ଗ୍ରାମ ପରିକ୍ରମା ପୂର୍ବକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରଥକୁ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସାହୁ ସ୍ୱାଗତ କରିଥିଲେ। ସେହିପରି କଳାଙ୍ଗ ହାଇସ୍କୁଲରେ ପ୍ରଧାନଶିକ୍ଷକ ଯୋଟିନ୍ଦ୍ର୍ ଦାସ,ମାଣିକାଗୋଡାସ୍ଥ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ ସହକର୍ମୀମାନଙ୍କ ସହାୟତା ରେ ରଥକୁ ପରିକ୍ରମା କରାଇଥିଲେ। କଳାଙ୍ଗ ଗ୍ରାମରେ ରଥ ପରିକ୍ରମା କରୁଥିବା ସମୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୈଳାସନାଥ ସ୍ୱାଇଁ ଉପସ୍ଥିତ ଥିଲେ। ପରେ ଭୀମପଡା କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକ ମହମ୍ମଦ ମୁସ୍ତାକ ଅଲ୍ଲୀଙ୍କ ନେତୃତ୍ୱରେ ପରିକ୍ରମା କରୁଥିବା ରଥକୁ ଦିବ୍ୟସିଂହପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମା ନାୟକ, ଭିମପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ମନ୍ତ୍ରୀ, ଟାଙ୍ଗିସାହି ସ୍ଥିତ ଉଚ୍ଚ ବିଦ୍ୟାଳୟରେ ସନ୍ତୋଷ କୁମାର ସାହୁ, ଦିଘିରୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭିକାରୀ ପୁଷ୍ଟି, କଳାମାଟିଆସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସୁମିତ୍ରା ଦେଇ ସଚେତନତା ରଥକୁ ସ୍ୱାଗତ କରିଥିଲେ। ପରିଶେଷରେ ଅରଖପଲ୍ଲୀ ସ୍ଥିତ ଉଚ୍ଚ ବିଦ୍ୟାଳୟରେ ରଥକୁ ପ୍ରଧାନ ଶିକ୍ଷକ ଭାଗିରଥି ମଲ୍ଲିକ ଓ ତାଙ୍କର ସହକର୍ମୀମାନେ ରଥକୁ ସ୍ୱାଗତ କରିଥିଲେ।

## ଏନ୍ଏସି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ



**ଓଡ଼ଗାଁ,୭।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ପକ୍ଷରୁ ଓଡ଼ିଆପକ୍ଷ ପାଳନ ଅବସରରେ ସ୍ୱଚ୍ଛଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସଫେଇ କର୍ମଚାରୀମାନେ ବିଭିନ୍ନ ୱାର୍ଡ଼କୁ ଯାଇ ସଫା ସୁତୁରା କରିଛନ୍ତି। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ସ୍ୱଚ୍ଛତାପାଇଁ ପ୍ରଶଂସା ସାଉଁଟିଥିବା ବେଳେ ଶ୍ରୀରାମ ନବମୀ ଯାତ୍ରାରେ ପ୍ରତିଦିନ ସଫେଇ କର୍ମଚାରୀମାନେ ଅହରହ ଉଦ୍ୟମକରି ସକାଳୁ ଓ ସନ୍ଧ୍ୟାରେ ମନ୍ଦିରରୋଡ଼ ଓ ମହୋତ୍ସବ ପଡ଼ିଆ ସଫେଇ କରି ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଗତକାଲି ରଘୁନାଥଜିଉ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସାମିଲ ହୋଇଥିବାବେଳେ ଓଡ଼ଗାଁକୁ ପରିମଳ ମୁକ୍ତ କରିବାପାଇଁ ଶପଥ ନେଇଥିଲେ।ଏହାସହିତ ବାହାରେ ଅଳିଆ, ଆବର୍ଜନା ନପକାଇ ଗୋଟିଏ ସ୍ଥାନରେ ରଖିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସଫେଇ କର୍ମଚାରୀଙ୍କ ସମେତ ଏନ୍ଏସି କର୍ମଚାରୀ ସାମିଲ ହୋଇଥିବା ଜଣାପଡ଼ିଛି।

# କେଶରୀ ସାହୁଙ୍କ ସ୍ମୃତିସଭା



**କଟକ,୭।୪/ଏନ୍‌ଏନ୍‌ଏସ୍:** ଶ୍ରମିକ ନେତା ବସନ୍ତ ସାହୁଙ୍କ ମା' ତଥା ଧର୍ମପରାୟଣ ମହିଳା କେଶରୀ ସାହୁଙ୍କ ବିୟୋଗରେ ସିଡିଏ ସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ ପରିସରରେଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ଅତିଥି ଭାବେ ସିଏମସି ମେୟର ସୁବାସ ସିଂ, ସ୍ୱାମୀ ନିତ୍ୟ ପ୍ରେମାନନ୍ଦ ଗିରି, ସ୍ୱାମୀ ଆଞ୍ଜନେୟା ନନ୍ଦ ଗିରି, ଦେବ ବିଦ୍ୟା ଗିରି, ଅନୁପ କୁମାର ଘୋଷ, ବିଏମ୍ଏସ୍ କଟକ ଜିଲ୍ଲା ସଂଘର ଉପସଭାପତି ରବି ନାରାୟଣ ସାହୁ, ଆଇନଜୀବୀ ରମାକାନ୍ତ ସାହୁ, ଆଇନଜୀବୀ ଅନୁପ କୁମାର ବୋଷ, ଆଇନଜୀବୀ ବିନୋଦ ପଣ୍ଡା, ସବିତା ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତା ସାହୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହିତ ସ୍ୱର୍ଗତା ଆତ୍ମାର ସଦଗତି ନିମନ୍ତେ ସାଧୁ ସନ୍ଥ ମାନଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା ।

# ଶ୍ରମିକଙ୍କ ବକେୟା ପ୍ରାପ୍ୟ ଦାବିରେ ଧାରଣା ଓ ପ୍ରତିବାଦ ସଭା

**କଟକ,୭।୪/ଏନ୍‌ଏନ୍‌ଏସ୍:** ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଂଟୁଣି ସ୍ଥିତ କର୍ମା ରି-ରୋଲସର ମନମୁଖୀ କାର୍ଯ୍ୟ ଏବଂ ଏହି କାରଖାନାକୁ ଷଡଯନ୍ତ୍ର କରି ବନ୍ଦ କରିବା ପ୍ରତିବାଦ ଏବଂ ଏହି କାରଖାନାର ଶ୍ରମିକମାନଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ଦାବି କରି ଭାରତୀୟ ମଜଦୁର ସଂଘ ସହବନ୍ଧିତ କର୍ମା ରି-ରୋଲସର ଶ୍ରମିକ ସଂଘ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ୍ ଛକ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶ୍ରମିକ ସଂଘର ଶତାଧିକ ଶ୍ରମିକମାନେ ବିକ୍ଷୋଭରେ ସାମିଲ ହୋଇଥିଲେ । ସଂଘର ସଭାପତି ତଥା ଭାରତୀୟ ମଜଦୁର ସଂଘର



ରାଜ୍ୟ ଉପସଭାପତି ଶାନ୍ତନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ରାଜ୍ୟ କର୍ମକର୍ତ୍ତା ବସନ୍ତ ସାହୁ, ଅଶୋକ ସ୍ୱାଇଁ, ମୁକ୍ତିକାନ୍ତ ସାହୁ ଓ ମନୋଜ ବସନ୍ତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦରମା ପ୍ରଦାନ କରିବା ପାଇଁ ଶ୍ରମ ବିଭାଗ ଏ କ୍ଷେତ୍ରରେ ହସ୍ତକ୍ଷେପ କରି କଂପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିବାଦ ସଭାରେ ବକ୍ତାମାନେ ଦାବି କରିଥିଲେ । ଶେଷରେ କର୍ମା ରି-ରୋଲସର ଶ୍ରମିକ ସଂଘ ପକ୍ଷରୁ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ଏସ୍‌ସିବି ମୌଳିକ ସମସ୍ୟାର ସମାଧାନ ଦାବିରେ ସ୍ମାରକପତ୍ର

**କଟକ,୭।୪/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବାସ ସଂଗଠନ ପକ୍ଷରୁ ମଙ୍ଗଳବାର ଏସ୍‌ସିବି ମେଡ଼ିକାଲର ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ମେଡ଼ିକାଲର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅଧିକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କଟକ ବଡ଼ ମେଡ଼ିକାଲରେ ଅଧିକ ଷ୍ଟ୍ରେଚର, ହ୍ୱିଲ ଚେୟାର ଓ ବ୍ୟାଟେରୀ ଆମ୍ବୁଲାନ୍ସ ଆଦି ଯୋଗାଇ ଦେବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଏହାଛଡ଼ା ନନଟ୍ରମା ଓ ଟ୍ରମା କାଜୁଆଲଟିର ବିଭିନ୍ନ ସମସ୍ୟା ବିଷୟରେ ଅଧୀକ୍ଷକଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସୁରେଶ ମହାନ୍ତି ଆଲୋଚନା କରିଥିଲେ । ସେହିପରି



ମେଡ଼ିକାଲରୁ ବହୁ ରୋଗୀଙ୍କୁ ଦଲାଲଙ୍କ ମାଧ୍ୟମରେ ପ୍ରାଇଭେଟ ହସପିଟାଲକୁ ସ୍ଥାନାନ୍ତରିତ କରାଯାଉଥିବା ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରି ଏହାକୁ ବନ୍ଦ କରିବା ପାଇଁ ଅଧିକ୍ଷକଙ୍କୁ ନିବେଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ଭବାନୀ ମହାପାତ୍ର, ରାମଚନ୍ଦ୍ର ରଣା, ସନ୍ତୋଷ ମିଶ୍ର, ପ୍ରଶାନ୍ତ ମହାରଣା, ଉପେନ୍ଦ୍ର ମହାରଣା, ଅଜିତ ଦାସ ଓ ବିବେକ ସେନାପତି ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ସଂଖ୍ୟା ନୁହେଁ, ଦକ୍ଷତା ହିଁ ସ୍ୱରର ମାପକାଠି ହେବ: ସଂତୃପ୍ତ

**କଟକ,୭।୪/ଏନ୍‌ଏନ୍‌ଏସ୍:** ନିଜ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ସ୍ଥାନୀୟ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଜଣେ ରାଜନେତାଙ୍କ ପ୍ରାଥମିକ କର୍ତ୍ତବ୍ୟ । ଗାଁର ସ୍କୁଲ ବା ସ୍ୱାସ୍ଥ୍ୟ କେନ୍ଦ୍ର ଯେପରି ସୁଦୃଢ଼ ରହିବ, ସେଥିପ୍ରତି ସେ ସଚେତନ ରହିବା ଉଚିତ । ରାଜ୍ୟରେ ଭିତ୍ତିଭୂମିର ସୁଧାର ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍, ଶିଳ୍ପାୟାନ ଏବଂ ଜଳସେଚନ ଭଳି ମୌଳିକ ସୁବିଧାଗୁଡ଼ିକୁ ସୁନିଶ୍ଚିତ କରିବା ଦ୍ୱାରା ଅଞ୍ଚଳର ଆର୍ଥିକ ବିକାଶ ହୋଇଥାଏ । ନିଜ କ୍ଷମତାକୁ ଉପଯୋଗ କରି ନିଜ ଅଞ୍ଚଳକୁ ଏକ ଆଦର୍ଶ ଅଞ୍ଚଳ ଭାବେ ଗଢ଼ିତୋଳିବା ଏକ ବଡ଼ ଉପଲବ୍ଧି । ଜଣେ ରାଜନୈତିକ ବ୍ୟକ୍ତି ନିଜ ଅଞ୍ଚଳର ଏହି ଗୌରବକୁ ଜାତୀୟ ବା ଆନ୍ତର୍ଜାତୀୟ ସ୍ତର ଠାରୁ ଆରମ୍ଭ କରି ଦେଶର ବୃହତ ସଂସଦରେ ଉପସ୍ଥାପନା କରିବା ନିର୍ବାଚିତ ପ୍ରତିନିଧିର ମୂଳ କର୍ତ୍ତବ୍ୟ । ସଂଖ୍ୟା ନୁହେଁ ଦକ୍ଷତା ହିଁ ଆମ ସ୍ୱରର ମାପକାଠି ହେବ ବୋଲି ନବନିର୍ବାଚିତ ରାଜ୍ୟସଭା ସାଂସଦ ଡ.ସନ୍ତୃପ୍ତ ମିଶ୍ର କହିଛନ୍ତି । ଦୋଳମୁଣ୍ଡାଇସ୍ଥିତ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ ହେବା ଅବସରରେ ଡ. ମିଶ୍ର କହିଲେ ଯେ ରାଜ୍ୟରେ ବିକାଶ ଧରା କୁ ଶୃଙ୍ଖଳିତ ଭାବେ ଆଗେଇ ନେବା ପାଇଁ ସାମାଜିକ ସଂହତି ସହିତ ନିଜ ମାଟିରେ ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟ ଭିତରେ ସୋହାର୍ଦ୍ଦ୍ୟ ପୂର୍ଣ୍ଣ



ସମ୍ପର୍କ ଲୋକଙ୍କ ମଧ୍ୟରେ ଭ୍ରାତୃଭାବ ବଜାୟ ରଖିବା ଏବଂ ବିବାଦର ସମାଧାନ କରି ଏକ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜ ନେତାର ଲକ୍ଷଣ ହେବା ଉଚିତ୍ ।

କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ବିଜେଡ଼ି ନେତା ମଧୁ ସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ଶିଶିର ପରିଜା, ପ୍ରଦୀପ ଖୁଣ୍ଟିଆ, ତାପସ ମହାନ୍ତି, ଚିରଞ୍ଜୟ ସାହୁ, ଜୟଦେବ ଜେନା, ରାଜେନ୍ଦ୍ର ରଣା,ପ୍ରଫୁଲ୍ଲ ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଅନିତା ବେହେରା,ସୟଦ ଏକରାମ ହୁସେନ, ତନ୍ମୟା ରାୟ, ଆକାଶୀ ସୁନିତା ଶେଖର,ନନ୍ଦଲାଲ ସିଂହ, ସୌମିତ ମିତ୍ର, ସୂର୍ଯ୍ୟମଣି ବେହେରା, ଦେବେନ୍ଦ୍ର କାହାଳି, ଦେବେନ୍ଦ୍ର ପାଣିଗ୍ରାହୀ, ସ୍ମୃତି ରଞ୍ଜନ ନାୟକ, ସ୍ୱଦେଶ ଦାସ, ସରୋଜ ରଞ୍ଜନ କର,ସେକ ରିୟାଜୁଲ୍ଲା, ଜନସନ ମହାପାତ୍ର, ମନୋରଞ୍ଜନ ଦାଶ, କର୍ପୋରେଟର୍ ଏ. ଶ୍ରୀଦେବୀ, ଇତିଶ୍ରୀ ଦାସ, ଚନ୍ଦନ ଜେନା, ଦୀପ୍ତିମୟୀ ମୂଳିଆ, ପୁଷ୍ପିତା ମହାନ୍ତି, ଦୀପାଞ୍ଜଳି ସିଂହ, ମମତା ନାୟକ, ନମିତା ବାରିକ, ବନଲତା ପ୍ରଧାନ, ପ୍ରଦୀପ ସାହୁ,ଅରୁନ୍ଧତୀ କର, କୁରେଶା ନୁର, ପ୍ରଦୀପ ରାଉତ, ଝିଲ୍ଲୀ ବିହାରୀ, ମିତାଲି ଭଞ୍ଜ, କଳ୍ପନା ଜେନା, ବିଜେଡି ନେତ୍ରୀ ଇତିଶ୍ରୀ ପଣ୍ଡା, ଗୋପା ସାମଲ, ପ୍ରଦୀପ ସିଂହ, କେଦାର ନାଥ ତରେଇ, ରଜନୀ ସାହୁ, ଅମରେଶ ପରିଜା, ନୀଳ ମାଧବ ଖୁଣ୍ଟିଆ, ବିରେନ ବେହେରା, ମନୋଜ ମହାନ୍ତି, ସୁବୋଧ ବେହେରା, ଯୁଧିଷ୍ଠିର ବିଶ୍ୱାଳ, ନିମାଇଁ ବିଶ୍ୱାଳ, ଦିଲ୍ଲୀପ ଜେନା, ବିଭୂତି ସ୍ୱାଇଁ, ସୁଦର୍ଶନ ଜେନା,ବିଶ୍ୱନାଥ ଧୀର, ବିଶ୍ୱ ରଞ୍ଜନ ଦାଶ, ଅମୂଲ୍ୟ ସାମନ୍ତରାୟ, ପ୍ରତାପ ନାୟକ, ଅମିତାଭ ପଟ୍ଟନାୟକ, ଅବଦୁଲ କରିମ, ମହମ୍ମଦ ଆକ୍ରମ ଓ ସତ୍ୟବ୍ରତ ରଣା ପ୍ରମୁଖ ଯୋଗ ଦେଇ ନବ ନିର୍ବାଚିତ ସାଂସଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଆ ପକ୍ଷ: ଶିଶୁ କଥା ଦିବସ ପାଳିତ



**କଟକ,୭।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଆଜି କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ 'ଶିଶୁ କଥା ଦିବସ' ପାଳିତ ହୋଇଯାଇଛି । କଟକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ମଧୁ ବର୍ଣ୍ଣବୋଧ' ଏବଂ ବିଭିନ୍ନ 'ଶିଶୁ ଲେଖା' ପୁସ୍ତିକା ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# କଡ଼ାକଡ଼ି ଯାଞ୍ଚ୍ ପାଇଁ ଏସ୍‌ଟିଏ ଦେଲା ନିର୍ଦ୍ଦେଶ

## ଗାଡ଼ି ନମ୍ବର ପ୍ଲେଟ୍‌ରେ ଲେଖାଯିବନି ଅନ୍ୟ କିଛି

**କଟକ,୭।୪/ଏନ୍‌ଏନ୍‌ଏସ୍:** ନମ୍ବର ପ୍ଲେଟ୍‌ରେ କେବଳ ଗାଡ଼ିର ନମ୍ବର ବ୍ୟତୀତ ଅନ୍ୟ କିଛି ଲେଖାଯିବ ନାହିଁ । ୧୯୮୯ କେନ୍ଦ୍ରୀୟ ମୋଟର ଯାନ ନିୟମର ୫୦ ଓ ୫୧ ଧାରା ଅନୁଯାୟୀ ଏହା ପାଳନୀୟ । ତେବେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ତତ୍ପରତା ପ୍ରକାଶ କରିଛି । ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଏପ୍ରିଲ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ନମ୍ବର ପ୍ଲେଟ୍ ଯାଞ୍ଚ କରିବାକୁ ରାଜ୍ୟର ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏସ୍‌ଟିଏ ପକ୍ଷରୁ ଚିଠି କରାଯାଇଛି । ନମ୍ବର ପ୍ଲେଟ୍‌ରେ ଓଏଚ୍‌ଆର୍‌ସି ଏବଂ ଓଡ଼ିଶା ପୁଲିସର ଲୋଗୋ ସଦୃଶ ଚିହ୍ନ ଲଗାଇ କେତେକ ବ୍ୟକ୍ତି ବେଆଇନ ଭାବେ ଘୂରୁବୁଲୁଥିବା ଓ ପୁଲିସ ଆଖିରୁ ସହଜରେ ଖସି ଯାଉଥିବାରୁ ଏନେଇ ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ ହୋଇଥିଲା । ଓଏଚ୍‌ଆର୍‌ସି ମାମଲାର ଶୁଣାଣି କରି ଏ ଦିଗରେ ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ ।

# ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଯାପିତ



**କଟକ,୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମାତୃଭବନଠାରେ ୪ଦିନ ବ୍ୟାପି ଚାଲିଥିବା ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । 'ଦିବ୍ୟ ପ୍ରେମର ଶାସନକୁ ତ୍ୱରାନ୍ୱିତ କରିବା' ଶୀର୍ଷକ ଆଲୋଚନାଚକ୍ରରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ସାଧକ ଡ. ଆଲୋକ ପାଣ୍ଡେ,ଡା.ବିରଂଚି ନାରାୟଣ ମହାପାତ୍ର ଓ ଡ. ସମ୍ପଦାନନ୍ଦ ମିଶ୍ର ଆଲୋଚକ ଭାବେ ଯୋଗ ଦେଇ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଯୋଗ ସଂକ୍ରାନ୍ତର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ଶ୍ୟାମା କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ନମିତା ଆବାହନୀ ପ୍ରାର୍ଥନା ଗାନ କରିଥିଲା ବେଳେ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାତଃ ଅଧିବେସନରେ ଯୋଗ ସମନ୍ୱୟ ପୁସ୍ତକ ଉପରେ ଆଲୋଚନା କରାଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାରୁ ୫ହଜାରରୁ ଉର୍ଦ୍ଧ୍ୱ ପାଠଚକ୍ର ସଦସ୍ୟସଦସ୍ୟା ଓ ସଂଗଠକ ଯୋଗ ଦେଇଥିଲେ ।

# ୧୦ରେ ସରିବ ଅଗ୍ନିପଥ ଓ ନିୟମିତ କ୍ୟାଡର୍ ଆବେଦନ

**କଟକ,୭।୪/ଏନ୍‌ଏନ୍‌ଏସ୍:** ଭାରତୀୟ ସେନାରେ ଅଗ୍ନିପଥ ଓ ନିୟମିତ କ୍ୟାଡର୍‌ରେ ନିଯୁକ୍ତି ପ୍ରବେଶିକା ପରୀକ୍ଷା ନିମନ୍ତେ ଗତ ଫେବୃୟାରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆଗାମୀ ୧୦ ତାରିଖରେ ଶେଷ ହେବ । ଏହି ଆବେଦନର ସମୟସୀମା ଏପ୍ରିଲ ୧ ତାରିଖ ଥିବା ବେଳେ ତାହା ପୁଣି ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଯୋଗ୍ୟ ପ୍ରାର୍ଥୀମାନେ www.joinindianarmy.nic.in ୱେବସାଇଟ୍‌ରେ ଆବେଦନ କରିପାରିବେ । କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ପ୍ରାର୍ଥୀମାନେ ଏ ସଂକ୍ରାନ୍ତରେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଫୋନ୍ ନମ୍ବର ୦୬୭୧୨୩୦୫୮୮୦ ଓ ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ ।

# ଗଳିକନ୍ଦି ଓ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ, ଯାତାୟାତରେ ବଢ଼ୁଛି ସମସ୍ୟା

**କଟକ,୭।୪/ଏନ୍‌ଏନ୍‌ଏସ୍:** କଟକ ସହରର ବିଭିନ୍ନ ସ୍ଥାନରେ ୪ ଚକିଆ ଗାଡ଼ି ପାର୍କିଂକୁ ନେଇ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି । ଚାରିଚକିଆ ଗାଡ଼ି ରଖିବାକୁ ଜାଗାର ଅଭାବ ଦେଖାଦେଇଛି । ଫଳରେ ଅଧିକାଂଶ ଲୋକେ ରାସ୍ତା ଉପରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ଅଭିଯୋଗ ହେଉଛି । ସହରର ବିଭିନ୍ନ ଗଳିକନ୍ଦି ରାସ୍ତା ଠାରୁ ଆରମ୍ଭ କରି ମୁଖ୍ୟ ଛକରାସ୍ତା ପାର୍ଶ୍ୱରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି । ଫଳରେ ରାସ୍ତା ସଂକୁଚିତ ହେବା ସହ ଲୋକଙ୍କ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି । ଏପରି ସ୍ଥିତିରେ ସହରରେ ଭିଡ଼ ବଢୁଥିବାବେଳେ ଗାଡ଼ି ପାର୍କିଂକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ସହରରେ ନିଜସ୍ୱ ଘର ଥିବା ଲୋକଙ୍କ ସହ ଭଡ଼ାରେ ରହୁଥିବା ଲୋକେ ୪ ଚକିଆ ଗାଡ଼ି ବ୍ୟବହାର କରୁଛନ୍ତି । ନିଜସ୍ୱ ଘର ଥିବା ଲୋକେ ନିଜ ଗ୍ୟାରେଜରେ ଗାଡ଼ି ରଖୁଥିବାବେଳେ ଭଡ଼ା ନେଇ ରହୁଥିବା ଲୋକଙ୍କ ଗାଡ଼ି ରଖିବାକୁ ଆବଶ୍ୟକୀୟ ସ୍ଥାନର



ଅଭାବ ରହିଛି । ଫଳରେ ବହୁ ଘର ମାଲିକ ଓ ଭଡ଼ାଟିଆ ଘର ସମ୍ମୁଖ ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି । ଏହାଛଡ଼ା କିଛି ଲୋକ ସହରରେ ଥିବା ଦେୟଯୁକ୍ତ କାର ସେଡ଼ରେ ମଧ୍ୟ ଗାଡ଼ି ପାର୍କିଂ କରୁଛନ୍ତି । ମାତ୍ର ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହେଉଛି । ଫଳରେ ସହରର ଲିଙ୍କ୍‌ରୋଡ୍, ଓଏମ୍‌ପି ଛକ, ଶିଖରପୁର ଓ ମହାନଦୀବିହାର ଆଦି ଅଞ୍ଚଳରେ ରାସ୍ତା ପାର୍ଶ୍ୱରେ ମାଳମାଳ ଗାଡ଼ି ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି । ଏପରିକି କିଛି ସ୍ଥାନରେ ଅଚଳ ଗାଡ଼ିକୁ ମଧ୍ୟ ରାସ୍ତା ଉପରେ ମାଲିକ ପକାଇ ରଖୁଥିବା ଅଭିଯୋଗ ହେଉଛି । ପାର୍କିଂ ଯୋଗୁ ଅଧାରାସ୍ତା ସଂକୁଚିତ ହୋଇ ରହୁଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ମୁକୁଳା ଡ୍ରେନ ଯୋଗୁ ଗୋଟିଏ ପଟେ ଗାଡ଼ି ଆସିଲେ ଏହାକୁ ଅତିକ୍ରମ କରି ଯିବା ସମ୍ଭବ ହେଉନାହିଁ । ତେଣୁ ଗାଡ଼ି ଠିଆହୋଇ ରହିବା ଯୋଗୁ ରାସ୍ତା ଜାମ ହେଉଛି । ସେହିପରି ମେରିଆବଜାର, କେଶରପୁର, ବକ୍ସିବଜାର, ବଜ୍ରକବାଟିରୋଡ଼, ପ୍ରଫେସରପଡ଼ା ଓ ଛତ୍ରବଜାରକୁ ଲାଗିଥିବା ବକ୍ସଡ୍ରେନ ରାସ୍ତାର ଦୁଇ ପାର୍ଶ୍ୱରେ ମଧ୍ୟ ଲୋକେ ଅନେକ ସଂଖ୍ୟାରେ ଗାଡ଼ି ପାର୍କିଂ କରି ରଖୁଥିବା ଅଭିଯୋଗ ହେଉଛି । ଅନେକ ସମୟରେ ପୋଲିସ ରାସ୍ତା ପାର୍ଶ୍ୱରୁ ଗାଡ଼ି ହଟାଉଥିଲେ ମଧ୍ୟ, ସ୍ଥାନ ଅଭାବରୁ ଲୋକେ ପୁଣି ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି । ତେଣୁ ପ୍ରଶାସନ ଗାଡ଼ି ପାର୍କିଂ ସମସ୍ୟା ଦୂର କରିବାକୁ ସହରରେ ଏକାଧିକ 'କାର ସେଡ୍' ନିର୍ମାଣ କରିବାକୁ ଦାବି ହୋଇଛି ।

# ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ସାହୁ ଗିରଫ

**କଟକ,୭।୪/ଏନ୍‌ଏନ୍‌ଏସ୍:** କମିସନରେଟ୍ ପୁଲିସ ଅଞ୍ଚଳର ବିଭିନ୍ନ ଥାନାରେ ୨୮ଟି ଅପରାଧିକ ମାମଲାରେ ଜଡ଼ିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ସାହୁ ଗିରଫ ହୋଇଛି । ସିଡିଏ ଫେଜ-୨ ଥାନା ପୁଲିସ ସିଡିଏ ଅଞ୍ଚଳରେ ଏକ ବଡ଼ ଧରଣର ଲୁଟ ମାମଲାରେ ସଞ୍ଜୟକୁ ଗିରଫ କରାଯାଇଛି । ସିଡିଏ ସେକ୍ଟର-୬ ମୁଣ୍ଡାସାହି ବସ୍ତିରେ ରହୁଥିବା ଲାଲବାଗ ଥାନା ଅଲିଶାବଜାର ଗଉଡ଼ ସାହିର ମୂଳ ବାସିନ୍ଦା ହେଉଛି ଅଭିଯୁକ୍ତ ସଞ୍ଜୟ । ସେ ୨୦୧୧ରେ ମର୍କତନଗରରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାରେ ଜଡ଼ିତ ଥାଇ ଜେଲ ଯାଇଥିଲା । ଜେଲରୁ ବାହାରିବା ପରେ ସେ ପୁଣି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥିଲା । ସୂଚନାନୁସାରେ, ସଞ୍ଜୟ ସିଡିଏ ସେକ୍ଟର ୧୩ ଅଞ୍ଚଳରେ ଏକ ସ୍ଥାନରେ ନିର୍ମାଣାଧୀନ ଘର କାମ ପାଇଁ ପ୍ରାୟ ୮ କୁଇଣ୍ଟାଲ ଓଜନର ଲୁହା ଖଣ୍ଡ ରଖାଯାଇଥିଲା । ସଞ୍ଜୟ ଜଣେ ସହଯୋଗୀଙ୍କ ସହ ସେଠାରୁ ଉକ୍ତ ଲୁହା ଖଣ୍ଡକୁ ଚୋରି କରି ଅଟୋରେ ଲଦି ନେଇଆସିଥିଲା । ଜଣେ ସ୍ଥାନୀୟ ବାସିନ୍ଦା ଏହା ଜାଣିବା ପରେ ସିଡିଏ ଫେଜ ୨ ଥାନା ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ସେଠାରେ ପହଞ୍ଚିଲା ବେଳକୁ ସଞ୍ଜୟ ଅଟୋ ନେଇ ଫେରାର ହୋଇଯାଇଥିଲା । ତେବେ ନରାଜସ୍ଥିତ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ନିକଟରେ ଥିବା ଜଙ୍ଗଲିଆ ସ୍ଥାନରେ ଅଟୋକୁ ଛାଡ଼ି ସେ ଓ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିଲା । ପୁଲିସ ସାମଗ୍ରୀଗୁଡ଼ିକୁ ଜବତ କରିଥିଲା । ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପୁଲିସ୍‌ର ସଞ୍ଜୟ ଅପରାଧିକ ଇତିହାସ ଯାଞ୍ଚ କରିଛି । ମର୍କତନଗର, ଲାଲବାଗ, ଚାଉଳିଆଗଞ୍ଜ, ଜଗତପୁର, ଖାରବେଳନଗର ଆଦି ଥାନାରେ ୨୮ଟି ଚୋରି, ଡକାୟତି, ହତ୍ୟା, ଦାଦାବଟି ଭଳି ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି । ସିଡିଏ ଫେଜ ୨ ଥାନାରେ ସଞ୍ଜୟ ବିରୋଧରେ ୧୦ଟି ଅପରାଧିକ ମାମଲା ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

